# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ , ମହାକାଳପଡ଼ା

**ବିଜ୍ଞାପନ ସଂଖ୍ୟା :- ୧୨୧ //ତା :- ୦୨.୦୨.୨୦୨୬ //**

ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ଅନଲାଇନ (online) ମାଧ୍ୟମରେ ଦରଖାସ୍ତ ଆହ୍ୱାନ:-

| ଘଟଣାବଳୀ | ଆରମ୍ଭ ତାରିଖ | ଶେଷ ତାରିଖ |
|---|---|---|
| ଅନଲାଇନ (online) ନାମ ପଞ୍ଜୀକରଣ ଏବଂ ଦରଖାସ୍ତ ଉପସ୍ଥାପନ | ତା :-୦୩.୦୨.୨୦୨୬ | ତା :-୧୭.୦୨.୨୦୨୬ |
| ମୂଳ ପ୍ରମାଣ ପତ୍ର (Original certificates) ର ଯାଞ୍ଚ ପ୍ରକ୍ରିୟା | ତା :- ୧୮.୦୨.୨୦୨୬(ସକାଳ ୧୧ ଘଟିକା ରୁ ସନ୍ଧ୍ୟା ୦୪ ଘଟିକା ପର୍ଯ୍ୟନ୍ତ) | |

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମହାକାଳପଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ନିମ୍ନ ବର୍ଣ୍ଣିତ ୦୧(ଏକ) ଗୋଟି ଅଙ୍ଗନୱାଡି କେନ୍ଦ୍ର ପାଇଁ ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା , ଭୁବନେଶ୍ୱର ଙ୍କ ଚିଠି ସଂଖ୍ୟା ୪୯୭୦ /ତା -୧୫.୦୩.୨୦୨୩ ରିଖ ପ୍ରକାରେ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମହାକାଳପଡା ଙ୍କ ପତ୍ର ସଂଖ୍ୟା ୧୨୧ /ତା ୦୨.୦୨.୨୦୨୬ ରିଖ ଅନୁଯାୟୀ ମହିଳା ପ୍ରାର୍ଥୀନୀଙ୍କ ଠାରୁ online portal ମାଧ୍ୟମରେ ଦରଖାସ୍ତ ଆହ୍ୱାନ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଅଛି । ଉକ୍ତ ପଦବୀ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ । ଏଣୁ ନିମ୍ନ ଯୋଗ୍ୟତା ଧାରୀ ପ୍ରାର୍ଥୀନୀ ତା :- ୦୩.୦୨.୨୦୨୬ ରିଖ ଠାରୁ ତା :- ୧୭.୦୨.୨୦୨୬ ରିଖ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରସ୍ତୁତ website:(http:// engagement-awc.odisha.gov.in/landing) ରେ login କରି ଦରଖାସ୍ତ ଦାଖଲ କରିପାରିବେ । offline ମାଧ୍ୟମରେ ଆବେଦନ ଗ୍ରହଣ କରାଯିବ ନାହିଁ।

ପ୍ରାପ୍ତ ହୋଇଥିବା ସମସ୍ତ online ଅବେଦନଗୁଡିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚ କରାଯିବ । ଏଣୁ ପ୍ରାର୍ଥୀନୀମାନେ ନିଜ ନିଜର ମୂଳ ପ୍ରମାଣ ପତ୍ର (Original certificates) ଗୁଡିକ ସହ ଯାଞ୍ଚ ତାରିଖ ଦିନ ସଠିକ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କକାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ ନଚେତ ଦରଖାସ୍ତ ରଦ୍ଦ କରାଯିବ ଏବଂ ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ । କାୟମ ରହିଥିବା ଆବେଦନକାରୀଙ୍କ ତାଲିକା ୱେବସାଇଟ (http://engagement-awc.odisha.gov.in/landing) ରେ ପ୍ରକାଶ ପାଇବ ।

ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ଖାଲିପଡିଥିବା ଅଙ୍ଗନୱାଡି କେନ୍ଦ୍ର ର ତାଲିକା ନିମ୍ନ ରେ ପ୍ରଦାନ କରାଗଲା:-

| କ୍ର. ନଂ | ଗ୍ରାମପଞ୍ଚାୟତ ର ନାମ | ଗ୍ରାମର ନାମ | ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ୱାର୍ଡ ର ନାମ | ନିର୍ଦ୍ଧାରିତ ପରିସର ଭୁକ୍ତ ଅଞ୍ଚଳ |
|---|---|---|---|---|---|
| ୧ | ରାମନଗର | ରାମଚଣ୍ଡୀ | ରାମଚଣ୍ଡୀ-୧ | ୱାର୍ଡ ନମ୍ବର-୦୧ ଓ ୦୨ | ରମେଶ ମଣ୍ଡଳଙ୍କ ଘର ଠାରୁ ମନୋରଞ୍ଜନ ମଣ୍ଡଳଙ୍କ ଘର ପର୍ଯ୍ୟନ୍ତ |

P T O

ଜ . ମଲ୍ଲିକ
ତା ୨.୨.୨୦୨୬
**Child Development Project Officer**
**MAHAKALPARA**

# ଅଙ୍ଗନୱାଡି କର୍ମୀ ନିଯୁକ୍ତି ନିମନ୍ତେ ସର୍ତ୍ତାବଳୀ

୧ - ପ୍ରାର୍ଥୀନୀମାନେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ । ପ୍ରାର୍ଥୀନୀସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ଚଳିତ ବର୍ଷ ର ଆଣି ଦରଖାସ୍ତ ସହ ଅନଲାଇନ ମାଧ୍ୟମରେ ପଠାଇବେ ।

୨ - ତା ୦୧/୦୧/୨୦୨୬ ରିଖସୁଦ୍ଧା ପ୍ରାର୍ଥୀନୀଙ୍କର ବୟସ ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ ହୋଇନଥିବ।

୩- ପ୍ରାର୍ଥୀନୀଙ୍କର ଯୋଗ୍ୟତା ଅନ୍ୟୁନ +୨ ପାସ କିମ୍ବା ତତ୍ତୁଲ୍ୟ ହୋଇଥିବା ଆବଶ୍ୟକ । ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରର ସଚ୍ଚି ନକଲ ଦରଖାସ୍ତ ସହ ପଠାଇବେ । ସମସ୍ତ ଶିକ୍ଷାଗତ ଯୋଗ୍ୟତା ଆହରଣ କରିଥିବା ନମ୍ବର ଏବଂ ବୋର୍ଡ ପରୀକ୍ଷାର ସାର୍ଟିଫିକେଟ ମଧ୍ୟ ପଠାଇବେ ।

୪ - ପ୍ରାର୍ଥୀନୀଙ୍କର +୨ ଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିଲେ ପ୍ରମାଣପତ୍ର ଦାଖଲ କରିବେ ।

୫ – ତଫସିଲ ଭୁକ୍ତ ଜାତି ଓ ଜନଜାତି ଆବେଦନକାରିଣୀଜାତିଗତ ପ୍ରମାଣପତ୍ର ପଠାଇବେ ।

୬ – ଅନାଥ ଆବେଦନକାରିଣୀ ତତ ସମର୍ଥିତ ପ୍ରମାଣପତ୍ର ପଠାଇବେ ।

୭– ଶାରୀରିକ ବିକଳାଙ୍ଗ ପ୍ରାର୍ଥୀନୀ ପ୍ରମାଣପତ୍ର ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଆଣି ଦରଖାସ୍ତ ସହ ଦାଖଲ କରିବେ ।

୮- ପ୍ରାର୍ଥୀନୀ ଓଡିଆ ଭଲଭାବରେ ଲେଖି, ପଢି ଏବଂ କହି ପାରୁଥିବେ।

(କ) ଓଡିଆ ଭାଷା ବିଷୟ ସହିତ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ରେ ପାସ କରିଥିବେ ।

କିମ୍ବା

(ଖ) ଉଚ୍ଚ ବିଦ୍ୟାଳୟ ପରିକ୍ଷା ବା ସମାନ୍ତର ଓଡ଼ିଆ ମାଧ୍ୟମ ପରିକ୍ଷା ସହିତ ଅଣ ଭାଷା ବିଷୟ ରେ ପାସ କରିଥିବେ ।

କିମ୍ବା

(ଗ) କେନ୍ଦ୍ର ସରକାର ବା ଓଡିଶା ସରକାର ସ୍ୱୀକୃତ ପ୍ରାପ୍ତ ଶିକ୍ଷାନୁଷ୍ଠାନ ରୁ ସପ୍ତମ ଶ୍ରେଣୀ ଶେଷ ପରିକ୍ଷା ରେ ଓଡିଆ ଭାଷା ବିଷୟରେ ପାସ କରିଥିବେ ।

କିମ୍ବା

(ଘ) ଓଡିଶା ସରକାର ଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ତରଫରୁ କରାଯାଇଥିବା ଓଡିଆ ପରୀକ୍ଷଣ ( ମାଧ୍ୟମିକ ଇଂରାଜୀ ବିଦ୍ୟାଳୟ ମାନଙ୍କ ) ରେ ପାସ କରିଥିବେ।

୯ – ବିଧବା ଆବେଦନ କାରିଣୀ ପ୍ରମାଣପତ୍ର ସହ ଦରଖାସ୍ତ ପଠାଇବେ ।

୧୦ - ନିରାଶ୍ରୟ (Destitute), ସ୍ୱାମୀ ପରିତ୍ୟକ୍ତା(Divorce) ଓ ପଳାତକ (Deserted) ପ୍ରାର୍ଥିନୀ ଆବଶ୍ୟକୀୟ ପ୍ରମାଣପତ୍ର ଦରଖାସ୍ତ ସ ପଠାଇବେ ।

୧୧ – ପ୍ରାର୍ଥୀନୀ ମାନେ ଦରଖାସ୍ତ ସହ ସଂଲଗ୍ନ କରିଥିବା ସମସ୍ତ କାଗଜାତରେ ନିଜର ଦସ୍ତଖତ କରି ଦାଖଲ କରିବେ ।

୧୨ – ସର୍ବଶିକ୍ଷା ଅଭିଯାନରେ ଖୋଲା ଯାଇଥିବା ଇ.ସି.ସି.ଇ ସେଣ୍ଟରରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ ଏଥି ନିମନ୍ତେ ଡି.ପି .ପି .ଏସ.ଏସ. ଏ ଙ୍କ ଠାରୁ ପ୍ରାପ୍ତ ପ୍ରମାଣପତ୍ର ଦାଖଲ କରିବେ । (ନିଯୁକ୍ତି ପ୍ରମାଣପତ୍ର ଏବଂ ଅଭିଜ୍ଞତା ପ୍ରମାଣ ପତ୍ର )

୧୩ - ଅତ୍ରକାର୍ଯ୍ୟାଳୟରେ କାଗଜାତ୍ ଯାଞ୍ଚ ସମୟରେ ଅନୁପସ୍ଥିତ ରହିବା ପ୍ରାର୍ଥୀନୀମାନଙ୍କର ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

୧୪ - ଅଙ୍ଗନୱାଡି କର୍ମୀ ନିମନ୍ତେ ଆବେଦନ ପତ୍ର ତା- ୦୩.୦୨.୨୦୨୬ରିଖ ଠାରୁ ତା :- ୧୭.୦୨.୨୦୨୬ରିଖ ପର୍ଯ୍ୟନ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମହାକାଳପଡ଼ାଙ୍କକାର୍ଯ୍ୟାଳୟରOnline Website ରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିବେ । ନିର୍ଦ୍ଧାରିତ ସମୟ ସୀମା ପରେ ଆଉ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ

୧୫ – ପ୍ରାର୍ଥୀନୀ ମାନଙ୍କର ସମସ୍ତ ମୂଳ ପ୍ରମାଣ ପତ୍ର ତା :- ୧୮.୦୨.୨୦୨୬ ସକାଳ ୧୧ ଘଟିକା ରୁ ସନ୍ଧ୍ୟା ୦୫ ଘଟିକା ପର୍ଯ୍ୟନ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମହାକାଳପଡ଼ାଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀନୀ ଉପସ୍ଥିତ ରହିବେ ଓ ନିଜ ନିଜର ସମସ୍ତ original certificate ନେଇ ଆସିବେ । ଉକ୍ତ certificate ର ଯାଞ୍ଚ ପରେ ଚୟନ ପ୍ରକ୍ରିୟା କମିଟି ମାଧ୍ୟମରେ କରାଯିବ । ଯାଞ୍ଚ ପ୍ରକ୍ରିୟାରେ ଅନୁପସ୍ଥିତ ରହିଥିବା ପ୍ରାର୍ଥୀନୀମାନଙ୍କର ଦରଖାସ୍ତ ରଦ୍ଦ କରାଯିବ ।

କ. ମଲ୍ଲିକ
୦୨.୨.୨୦୨୬
Child Development Project Officer
MAHAKALPARA

P.T.O

Scanned with OKEN Scanner

ନିମ୍ନଲିଖିତ ବର୍ଗର ପ୍ରାର୍ଥୀନୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଅତିରିକ୍ତ ପଏଣ୍ଟ ପ୍ରଦାନ କରାଯିବ:-

| କ୍ରମିକ ସଂଖ୍ୟା | ବର୍ଗ | ଅତିରିକ୍ତ ପଏଣ୍ଟ |
|---|---|---|
| ୧. | ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀନୀ | ୧୦ |
| ୨. | ବିଧବା ପ୍ରାର୍ଥୀନୀ | ୧୦ |
| ୩. | ଅନାଥ ପ୍ରାର୍ଥୀନୀ (ଜନ୍ମିତ କିମ୍ବା ଆଇନ ଗତ ପିତାମାତା ନଥିବେ) | ୧୦ |
| ୪. | ଭିନ୍ନକ୍ଷମ/ଦିବ୍ୟାଙ୍ଗ ପ୍ରାର୍ଥୀନୀ (୪୦% ରୁ ଅଧିକକୁ ଶାରୀରିକ ଭାବରେ ଅକ୍ଷମ ଭାବରେ ଗ୍ରହଣ କରାଯିବ) | ୫ |
| ୫. | ନିରାଶ୍ରୟ, Deserted, ସ୍ୱାମୀ ପରିତ୍ୟକ୍ତା ପ୍ରାର୍ଥିନୀ | ୫ |
| ୬. | ପ୍ରାର୍ଥୀନୀଙ୍କର +୨ ଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିଲେ | ୫ |
| ୭. | ସର୍ବଶିକ୍ଷା ଅଭିଯାନରେ ଖୋଲାଯାଇଥିବା ଇ.ସି.ସି.ଇ. ସେଣ୍ଟରରେ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ | ବାର୍ଷିକ ସେବା ପ୍ରଦାନ ପାଇଁ ୫ ପଏଣ୍ଟ ଏବଂ ସର୍ବାଧିକ ୧୫ ପଏଣ୍ଟ |
| ୮. | ବାଲୱାଡି କର୍ମୀ ଭାବେ ବାଲୱାଡି କେନ୍ଦ୍ରରେ କାର୍ଯ୍ୟକରିଥିଲେ | ବାର୍ଷିକ ସେବା ପ୍ରଦାନ ପାଇଁ ୫ ପଏଣ୍ଟ ଏବଂ ସର୍ବାଧିକ ୧୫ ପଏଣ୍ଟ |

ଜ. ମଲ୍ଲିକ
୦୨.୨.୨୦୨୨
Child Development Project Officer
MAHAKALPARA

ପତ୍ରପତ୍ର ସଂଖ୍ୟା:- ୪୨୨ //ତା:- ୦୨.୨.୨୦୨୨ //

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,କେନ୍ଦ୍ରାପଡ଼ା/ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,କେନ୍ଦ୍ରାପଡ଼ା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ମଣ୍ଡଳ ଉନ୍ନୟନ ଅଧିକାରୀ, ମହାକାଳପଡ଼ା /ବି.ଇ.ଓ , ମହାକାଳପଡ଼ା / ବି.ଏସ.ଏସ.ଓ, ମହାକାଳପଡ଼ାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ପଞ୍ଚାୟତ ସମିତି ଅଧକ୍ଷ, ମହାକାଳପଡ଼ା / ପଞ୍ଚାୟତ ସମିତି ଉପାଧକ୍ଷ, ମହାକାଳପଡ଼ାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ / ପଞ୍ଚାୟତ ସମିତିସଭ୍ୟାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ବହୁଳ ପ୍ରଚାର ପାଇଁ ବିଜ୍ଞାପନ ଫଳକରେ ଲଗାଇବାକୁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ, ମହାକାଳପଡ଼ାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମ୍ପୃକ୍ତ କେନ୍ଦ୍ରର ମହିଳା ପରିଦର୍ଶିକା ଏବଂ ଦାୟିତ୍ୱରେ ଥିବା ଅଙ୍ଗନୱାଡି କର୍ମୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନେ ଉକ୍ତ ଗ୍ରାମର ସମସ୍ତ ମହିଳାଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ଗ୍ରାମର ମୁଖ୍ୟ ଜନଗହଳି ପୂର୍ଣ୍ଣ ସ୍ଥାନରେ ଲଟକାଇଦେବେ ।

ଜ. ମଲ୍ଲିକ
୦୨.୨.୨୦୨୨
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
Child Development Project Officer
ମହାକାଳପଡ଼ା
MAHAKALPARA

Scanned with OKEN Scanner